# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 05.08.2022 ରିଖ

ସମୟ - ଅପରାହ୍ନ ଘ.3.00 ଟିକା
ସ୍ଥାନ - ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ଚେୟାରମ୍ୟାନ୍
୨. ଶ୍ରୀମତୀ କିରଣବାଳା ମାଝୀ,
୩. ଶ୍ରୀମତୀ ଧରିତ୍ରୀ ଜେନା,
୪.ଶ୍ରୀ ଦୀପକ କୁମାର ମିଶ୍ର,
୫. ଶ୍ରୀ ଅଚ୍ୟୁତାନନ୍ଦ ସ୍ୱାଇଁ,
୬. ଶ୍ରୀମତୀ ବନ୍ଦିତା ପାଲ୍,
୭. ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା

ଅଦ୍ୟ ତା 05.08.2022 ରିଖ ଅପରାହ୍ନ ଘ.3.00 ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ କୁମାରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନ ମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ DLR/CLR କର୍ମଚାରୀ ମାନଙ୍କ ପାଇଁ ଦାଖଲ ହେବାକୁ ଥିବା employee ଅଂଶ ତାଙ୍କର ଚାକିରୀ କାର୍ଯ୍ୟକାଳକୁ ଦୃଷ୍ଟିରେ ରଖି ସେମାନଙ୍କର ମଜୁରିରୁ କିସ୍ତି ଅନୁସାରେ ଅର୍ଥ କାଟି EPF ଅଫିସ୍‌ରେ ଦାଖଲ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମର ଯେଉଁ DLR/CLR କର୍ମଚାରୀ ଲଗାତାର ଭାବେ ଦୁଇ ବର୍ଷରୁ ଅଧିକ ସମୟ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି, ସେମାନଙ୍କର ତଥ୍ୟ ବାହାର କରି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମର DLR/CLR ମାନଙ୍କର Data base ତିଆରି କରିବା ପାଇଁ ବିଳମ୍ବ ହେଉଥିବାରୁ ଦୁଇ ଜଣ Data Entry Operator, DLR/CLR ଉପବିଭାଗକୁ ଯୋଗାଇ ଦେବାପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 3.50 ମିନିଟ୍ ସମୟରେ ସଭା ଭଙ୍ଗ କରାଗଲା ।

ସ୍ୱା/-କୁମାରେନ୍ଦ୍ର ମହାପାତ୍ର
ସଭାପତି
ତା 05.08.2022 ରିଖ